# ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ

ନ-୧/୯,ନୟାପଲ୍ଲୀ,ପୋ:ସୈନିକ ସ୍କୁଲ,ଭୁବନେଶ୍ୱର-୭୫୧୦୦୫
ଫୋନ ନ.୦୬୭୪-୨୩୦୧୩୨୪, oavsbbsr.od@gov.in

ODISHA ADARSHA VIDYALAYA
INSPIRE AND EMPOWER

## ବିଜ୍ଞାପନ

ଓଡିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୧୭-୧୮ ଶିକ୍ଷାବର୍ଷ ପାଇଁ ୦୯.୦୩.୧୭ ତାରିଖରେ ପ୍ରକାଶ ପାଇଥିବା ନାମଲେଖା ବିଜ୍ଞାପନରେ ନିମ୍ନଲିଖିତ ପରିବର୍ତ୍ତନ କରାଗଲା ।

୧. ଇଚ୍ଛୁକ / ଯୋଗ୍ୟ ଛାତ୍ରଛାତ୍ରୀ ମାନେ ନିଜ ବ୍ଲକ ରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ ଏବଂ ଯେଉଁ ବ୍ଲକ ମାନଙ୍କରେ ଆଦର୍ଶ ବିଦ୍ୟାଳୟ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ, ସେହି ବ୍ଲକର ଇଚ୍ଛୁକ ଛାତ୍ରଛାତ୍ରୀ ମାନେ ଅନ୍ୟ ବ୍ଲକରେ ଥିବା ଅନ୍ୟ କୌଣସି ଗୋଟିଏ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ ।

୨. ନାମଲେଖା ସମ୍ପର୍କିତ କାର୍ଯ୍ୟସୂଚୀ କୁ ନିମ୍ନମତେ ପରିବର୍ତ୍ତନ କରାଗଲା ।

| | |
|---|---|
| କ) ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ - | ତା.୩୧.୦୩.୨୦୧୭ |
| ଖ) ପ୍ରବେଶିକା ପରୀକ୍ଷାର ତାରିଖ - | ତା.୦୫.୦୪.୨୦୧୭ |
| ଗ) ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କର ତାଲିକା ପ୍ରକାଶନ - | ତା.୧୦.୦୪.୨୦୧୭ |
| ଘ) ବିଦ୍ୟାଳୟ ମାନଙ୍କରେ ନାମଲେଖା ତାରିଖ - | ତା.୧୨.୦୪.୨୦୧୭ |

୩. ବିଜ୍ଞାପନରେ ପ୍ରକାଶ ପାଇଥିବା ଅନ୍ୟ ସମସ୍ତ ନିର୍ଦ୍ଦେଶାବଳୀ ଅପରିବର୍ତ୍ତିତ ରହିଲା ।

ଏଥିସହିତ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯାଉଛି ଯେ ବର୍ତ୍ତମାନ ପାଇଁ ରାଜ୍ୟର କୌଣସି ଆଦର୍ଶ ବିଦ୍ୟାଳୟରେ ଆବାସିକ ବ୍ୟବସ୍ଥା କରାଯାଇନାହିଁ , କିମ୍ବା କୌଣସି ଛାତ୍ରଛାତ୍ରୀମାନଙ୍କପାଇଁ ବିଦ୍ୟାଳୟକୁ ଯିବାଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ । ନାମଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଏବଂ ବିଦ୍ୟାଳୟକୁ ଯିବାଆସିବା କରିବେ ।

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ

ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ